THE SAKALA

Sakala

11-09-2025

-Newspaper Coverage-

# ପାଟନାରେ ସାହିତ୍ୟ ଏକାଡେମୀର ଉନ୍ମେଷ ସାହିତ୍ୟ ମହୋତ୍ସବ ୨୫ରୁ

ଭୁବନେଶ୍ୱର,୧୦।୯ (ସମିସ): ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ, ସାହିତ୍ୟ ଏକାଡେମୀ ଓ ବିହାର ସରକାରଙ୍କ ମିଳିତ ସହଯୋଗରେ ଆସନ୍ତା ୨୫ ତାରିଖରୁ ପାଟନାରେ ଅନୁଷ୍ଠିତ ହେଉଛି 'ଉନ୍ମେଷ'ର ତୃତୀୟ ସଂସ୍କରଣ। ଆଜି ଇନ୍ଦିରା ଗାନ୍ଧୀ ଜାତୀୟ କଳା କେନ୍ଦ୍ରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂସ୍କୃତି ମନ୍ତ୍ରାଳୟର ସଚିବ ବିବେକ ଅଗ୍ରୱାଲ ଏ ସଂକ୍ରାନ୍ତରେ ବିସ୍ତୃତ ସୂଚନା ଦେଇଛନ୍ତି।

ସାହିତ୍ୟିକଙ୍କ ସଂଖ୍ୟା ଦୃଷ୍ଟିରୁ 'ଉନ୍ମେଷ' ଏସିଆର ସର୍ବବୃହତ ସାହିତ୍ୟ ମହୋତ୍ସବ। ଚଳିତ ବର୍ଷ ଭାରତ ଏବଂ ବିଦେଶରୁ ପ୍ରାୟ ୫୫୦ ଜଣ ପ୍ରଖ୍ୟାତ ଲେଖକ, କବି, ବିଦ୍ୱାନ, ଅନୁବାଦକ, ପ୍ରକାଶକ ଏବଂ ବିଭିନ୍ନ କ୍ଷେତ୍ରର ଜଣାଶୁଣା ବ୍ୟକ୍ତିତ୍ୱ ଏଥିରେ ଯୋଗ ଦେବେ । ସମଗ୍ର ଉତ୍ସବରେ ପ୍ରାୟ ୯୦ଟି ଅଧିବେଶନ ଅନୁଷ୍ଠିତ ହେବ ଓ ଏଥିରେ ୧୦୦ଟି ଭାଷାର ସାହିତ୍ୟିକଙ୍କ ସହ ୧୫ଟି ଭିନ୍ନଭିନ୍ନ ଦେଶର ଲେଖକ ଏଥିରେ ନିଜ ଭାଷାର ପ୍ରତିନିଧିତ୍ୱ କରିବେ। ବିହାରର ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ, ଅମୋଲ ପାଲେକର, ଜାବେଦ ଅଖତର, ଗିରୀଶ କାସରବେଲ୍ଲୀ, ସୋନାଲ ମାନସିଂହ ଏବଂ ଭାରତରେ ଅବସ୍ଥାପିତ ବିଭିନ୍ନ ଦେଶର ରାଷ୍ଟ୍ରଦୂତଙ୍କ ସମେତ ବହୁ ପ୍ରସିଦ୍ଧ ବ୍ୟକ୍ତିତ୍ୱ ଏଥିରେ ଅଂଶଗ୍ରହଣ କରିବେ। [illegible] ବିଶ୍ୱନାଥ ପ୍ରସାଦ ତିୱାରୀ, କପିଳ କପୁର, ଉଦୟ

## ଯୋଗଦେବେ ୧୦୦ଟି ଭାଷାର ୫୫୦ ଲେଖକ

ନାରାୟଣ ସିଂହ, ଅନିସୁର ରହମାନ, ସୁବୋଧ ସରକାର, ଶିନ୍ କାପ୍ ନିଜାମ୍, ହରିବଂଶ, ଭାରତ ଗୁପ୍ତ, ରାମବଚନ ରାୟ, ଲକ୍ଷ୍ମଣ ଗାୟକୱାଡ଼, ଅନାମିକା, ମମଙ୍ଗ ଦାଇ, ବାମନ କେନ୍ଦ୍ରେ, ଇନ୍ଦୁ ଭାରତୀ, ଏମ.କେ. ରୈନା, ଶରଣ କୁମାର ଲିମ୍ବାଲେ, ହୃଷୀକେଶ ସୁଲଭ, ମହାଦେବ ଟପ୍ପୋ, ହୋଲେଙ୍ଗ ମର୍ଲାଙ୍ଗ, କାନ୍ତି ପଟେଲ, ଏସ୍.ଏସ୍. ଶିବପ୍ରକାଶ, ଅଭିରାଜ ରାଜେନ୍ଦ୍ର ମିଶ୍ର, ହରପ୍ରସାଦ ଦାସ, ଅଶୋକ ଚକ୍ରଧର, ପି. ଶିବକାମି, ଲିଲିଟ ଦୁବେ, ଏବଂ ମାଳିନୀ ଅବସ୍ଥୀ ପ୍ରମୁଖ ବିଶିଷ୍ଟ ସାହିତ୍ୟିକମାନେ ଏଥିରେ ଯୋଗ ଦେବେ। ମହୋତ୍ସବରେ କବିତା ଏବଂ କାହାଣୀ ପାଠ ବ୍ୟତୀତ ସାହିତ୍ୟ ଏବଂ ଅନ୍ୟାନ୍ୟ କଳାର ସମ୍ବନ୍ଧ ଭଳି, ଉତ୍ତର-ଆଧୁନିକ ଭାରତୀୟ ସାହିତ୍ୟ ଏବଂ ସିନେମା, ସାମାଜିକ ଗଣମାଧ୍ୟମ ଏବଂ ସାହିତ୍ୟ, ଆଦିବାସୀ ସମ୍ପ୍ରଦାୟର ପ୍ରବାସ ଏବଂ ପରିଚୟ ସଙ୍କଟ, ବିଦେଶୀ ଭାଷାରେ ଭାରତୀୟ ସାହିତ୍ୟର ପ୍ରଚାର, ବିହାରର ସାହିତ୍ୟିକ ଐତିହ୍ୟ, ଜାତୀୟ ଶିକ୍ଷା ନୀତିରେ ସାହିତ୍ୟର ଭୂମିକା, ଭାରତୀୟ ନାଟକରେ ବିସ୍ଥାପନ ଆଦି ବିଷୟରେ ଆଲୋଚନା କରାଯିବ।

ଏହା ସହ ବିଜ୍ଞାନ ଭବନରେ ସେପ୍ଟେମ୍ବର ୧୧-୧୩ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଅନ୍ତର୍ଜାତୀୟ ଆଲୋଚନାଚକ୍ର ବିଷୟରେ ମଧ୍ୟ ଏହି ଅବସରରେ ଶ୍ରୀ ଅଗ୍ରୱାଲ ସୂଚନା ଦେଇଛନ୍ତି। ସଂସ୍କୃତି ମନ୍ତ୍ରାଳୟର ଅତିରିକ୍ତ ସଚିବ ଅମିତା ପ୍ରସାଦ ସରଭାଇ, ଇନ୍ଦିରା ଗାନ୍ଧୀ ଜାତୀୟ କଳା କେନ୍ଦ୍ରର ସଦସ୍ୟ ସଚିବ ଡକ୍ଟର ସଚ୍ଚିଦାନନ୍ଦ ଜୋଶୀ ଏବଂ ସାହିତ୍ୟ ଏକାଡେମୀର ସଚିବ ଡକ୍ଟର କେ. ଶ୍ରୀନିବାସ ରାଓ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।